# ଜିଲ୍ଲା ଖଣିଜ  ପାଣ୍ଠିର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା କଲେ ଉପ-ବାଚସ୍ପତି -

## ବାଦ୍ ପଡିଥିବା ଗ୍ରାମଗୁଡିକୁ ସାମିଲ କରିବାକୁ ପରାମର୍ଶ ।

ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାକୁ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଅନୁଗୋଳ ବୋର୍ଡ ଅଫ୍ ଟ୍ରଷ୍ଟି ଗଠନ କରାଯାଇଛି । ପ୍ରତ୍ୟେକ ବର୍ଷ ଏପ୍ରିଲ ମାସରୁ ୩୧ ମାର୍ଚ୍ଚ ଆର୍ଥିକ ବର୍ଷ ମଧ୍ୟରେ ଜିଲ୍ଲା ଖଣିଜ କ୍ଷେତ୍ର ପାଣ୍ଠି ଖଣିର ରୟାଲିଟି ବାବଦରେ ପ୍ରାପ୍ତ ଅର୍ଥରେ ସମ୍ପୃକ୍ତ ଅଞ୍ଚଳର ବଡ ବଡ ମେଗା ପ୍ରକଳ୍ପ ଗୁଡିକର ଉନ୍ନୟନ କାର୍ଯ୍ୟର ତ୍ୱରାନ୍ୱିତ ହୋଇଥାଏ । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ଖଣି ଅଞ୍ଚଳର ସାଂସଦ,ବିଧାୟକ ଓ ଜିଲ୍ଲା ପରିଷଦ ସଦସ୍ୟମାନଙ୍କୁ ନେଇ ଏହି ବୋର୍ଡ ଗଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠିରେ ଉପଲବ୍ଧ ଥିବା ଅର୍ଥକୁ ସର୍ବାଧିକ ଅଗ୍ରାଧିକାର ଓ ଅନ୍ୟାନ୍ୟ ଅଗ୍ରାଧିକାର କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ଅଛି । ଜିଲ୍ଲା ଖଣିଜ ପାଣ୍ଠିରେ ଜିଲ୍ଲାର ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୧୦ କି.ମି ପରିଧି ମଧ୍ୟରେ ଥିବା ଗ୍ରାମ ଗୁଡିକର ସର୍ବାଧିକ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି ଅନୁଦାନକୁ ୨ଟି କ୍ଷେତ୍ରରେ ଯଥା ଉଚ୍ଚ ଅଗ୍ରାଧିକାର ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଯଥାକ୍ରମେ ୬୦-୪୦ ଅନୁପାତରେ ମଞ୍ଜୁର କରାଯାଉଛି । ଜିଲ୍ଲା ଖଣିଜ ପାଣ୍ଠିରେ ଏହି ୨ଟି କ୍ଷେତ୍ରରେ ପ୍ରଭାବିତ ଗ୍ରାମଗୁଡିକୁ ସାମିଲ କରିବା ଉପରେ ଆଜି ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭା ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଯୋଗ ଦେଇ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ୬୯୫ଟି ଗ୍ରାମ ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ପରୋକ୍ଷ ଭାବରେ ପ୍ରଭାବିତ ୧୦୯ଟି ଗ୍ରାମକୁ ଚିହ୍ନଟ କରାଯାଇ ଜିଲ୍ଲା ଖଣିଜ କ୍ଷେତ୍ର ପାଣ୍ଠିରେ ସାମିଲ କରାଯାଇଛି । ଜିଲ୍ଲାର ସାମୁହିକ ବିକାଶକୁ ଦୃଷ୍ଟିରେ ରଖି ବାଦ୍ ପଡିଥିବା ଅନ୍ୟାନ୍ୟ ଗ୍ରାମ ଗୁଡିକୁ ଏଥିରେ ସାମିଲ କରିବା ପାଇଁ ଉପ-ବାଚସ୍ପତି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଓ ଟ୍ୟାଗିଂରେ ଥିବା ମ୍ୟାପ୍‌କୁ ସଠିକ୍ ଭାବେ ଅନୁଧ୍ୟାନ କରି ବାଦ୍ ପଡିଥିବା ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ଆସନ୍ତା ୭ମ ବୋର୍ଡ ବୈଠକରେ ଏହାକୁ ଅନୁମୋଦନ କରାଯିବ ବୋଲି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ପ୍ରକାଶ କରିଛନ୍ତି । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ-ନିର୍ଦ୍ଦେଶକ ଖଣି ଶ୍ରୀ ବିଷ୍ଣୁପଦ ରାଉତ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ,ଜିଲ୍ଲା ଖଣିଜ ପାଣ୍ଠିର ଫାଇନାନ୍ସ ଏକ୍ସପର୍ଟ ଶ୍ରୀ ଗିରିଜା ଭୂଷଣ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

